# NATIONAL NEWS BULLETIN (ODIA)

**7 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସଂଧ୍ୟାରେ ଶେଷ ହେବ ପ୍ରଚାର ।

- ପ୍ରମୁଖ ରାଜନୈତିକ ଦଳର ନେତୃବୃନ୍ଦଙ୍କ ପ୍ରଚାର କାର୍ଯ୍ୟ ଜୋର୍‌ଦାର ।

- ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ଦୁଇଗୁଣ କରିବା ନେଇ ନିଷ୍ପତ୍ତି ।

- ଅଦାଲତଙ୍କ ସମୀକ୍ଷା ଅନ୍ତର୍ଗତ ପଶ୍ଚିମବଙ୍ଗର ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରକାଶ କଲେ ନିର୍ବାଚନ ଆୟୋଗ ।

- ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜି ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମ୍ୟାଚ୍ ।

# ଇଲେକ୍ସନ କ୍ୟାମ୍ପେନିଂ

ଆମାସ, କେରଳମ୍ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସଂଧ୍ୟା ୬ଟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଛି । ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ନେତୃବୃନ୍ଦ ଶେଷ ମୁହୂର୍ତ୍ତରେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ଆଡକୁ ଆକୃଷ୍ଟ କରିବା ଲାଗି ଉଦ୍ୟମ ଚଳାଇଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ପଶ୍ଚିମବଙ୍ଗରେ ବିଜେପି କ୍ଷମତାକୁ ଆସିଲେ ସମସ୍ତ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯିବ । ଆଜି ଆସାମର ପଥରକାଣ୍ଡିଠାରେ ଏକ ନିର୍ବାଚନୀ ର୍ୟାଲିକୁ ଉଦ୍‌ବୋଧନ ଦେଇ ଆସାମର ବାରାକ୍ ଉପତ୍ୟକାରେ କଂଗ୍ରେସ ଅନୁପ୍ରବେଶକାରୀ ମାନଙ୍କୁ ଆଶ୍ରୟ ଦେଇଥିବା ଶ୍ରୀ ଶାହା ଅଭିଯୋଗ କରିଛନ୍ତି ।

**V/O (Amit Saha)**

ବାରାକ୍ ଉପତ୍ୟକାର ବିକାଶ ନିମନ୍ତେ କଂଗ୍ରେସ କୌଣସି ପଦକ୍ଷେପ ନେଇନଥିବା ସେ କହିଛନ୍ତି । ଶ୍ରୀ ଶାହା କହିଛନ୍ତି ଆସାମକୁ ଦେଶର ଅନ୍ୟ ଉନ୍ନତ ରାଜ୍ୟ ଭଳି ବିକାଶପଥରେ ଆଗେଇ ନେବାଲାଗି ବିଜେପି ଲକ୍ଷ୍ୟ ରଖିଛି । ଆସନ୍ତା ୫ ବର୍ଷରେ ଆସାମ ବିକାଶର ଶୀର୍ଷ ସ୍ତରରେ ପହଞ୍ଚିବ ବୋଲି ଶ୍ରୀ ଶାହା କହିଛନ୍ତି । ବିଜେପି ସରକାର ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ ଏବଂ ଶ୍ରୀଭୂମିରେ ମେଡ଼ିକାଲ କଲେଜ ନିର୍ମାଣ ଭଳି ପଦକ୍ଷେପ ନେଇଥିବା ସେ କହିଛନ୍ତି । ଆସାମ ପାଇଁ ଅନେକଗୁଡ଼ିଏ ବିକାଶମୂଳକ ପ୍ରକଳ୍ପ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି ।

କେରଳମ୍‌ରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ର୍‍ୟାଲି, ରୋଡ ଶୋ ଓ ସାଧାରଣ ନିର୍ବାଚନୀ ସଭା ଆୟୋଜନ କରାଯାଇଛି । ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଆଜି ସକାଳେ କାଲପେଟାରେ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି ।

ପୁଡୁଚେରୀରେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା, ଡିଏମ୍‌କେ ନେତା ତଥା ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାର୍ଲିନ୍ ଏବଂ ବିଦୁଥଲାଇ ଚିରୁଥାଇଗଲ ନିର୍ବାଚନ ପ୍ରଚାର କରୁଛନ୍ତି ।

## ଗଭ୍ ଏଲ୍‌ପିଜି ଡବଲ

ପ୍ରବାସୀ ଶ୍ରମିକ ମାନଙ୍କୁ ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରର ମୁକ୍ତ କାରବାରକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର ଯୋଗାଣକୁ ଦୁଇଗୁଣ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସଚିବ ଡକ୍ଟର ନୀରଜ ମିତ୍ତଲ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଏହି ମର୍ମରେ ପତ୍ର ଲେଖିଛନ୍ତି । ସେ କହିଛନ୍ତି ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଗୁଡ଼ିକ ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯିବ ଏବଂ ସେହି ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କୁ ତୈଳ ବିପଣନ କମ୍ପାନୀମାନଙ୍କ ସହାୟତାରେ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସିଲିଣ୍ଡର ଆବଣ୍ଟନ କରାଯିବ । ପୂର୍ବରୁ

ଗତ ମାର୍ଚ୍ଚ ମାସରେ ଆବଣ୍ଟନ ପରିମାଣ ୨୦ ପ୍ରତିଶତ ଥିବାବେଳେ ୨୩ ତାରିଖ ପରଠାରୁ ୬ଲକ୍ଷ ୭୫ହଜାର ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଆବଣ୍ଟନ କରାଯାଇଛି ।

## ରାଧାକୃଷ୍ଣନ ଇଗ୍ନୋ କନ୍‌ଭୋକେସନ

ଗୋଟିଏ ଦେଶର ଦୃଢ଼ତା ଏହାର ଲୋକମାନଙ୍କ ଜ୍ଞାନ, ମୂଲ୍ୟବୋଧ ଏବଂ ସାମର୍ଥ୍ୟରେ ନିହିତ ଥାଏ ବୋଲି  ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କହିଛନ୍ତି । ଦେଶର କୌଶଳ ଇକୋ ସିଷ୍ଟମକୁ ସୁଦୃଢ଼ କରିବା କ୍ଷେତ୍ରରେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଏଭଳି ଉଦ୍ୟମ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଇଗ୍ନୋର ଅଣଚାଳିଶତମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଉପରାଷ୍ଟ୍ରପତି କହିଛନ୍ତି ସହଜ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ଦେଶରେ ଉନ୍ନତ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବା କ୍ଷେତ୍ରରେ ଇଗ୍ନୋ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ୩ଲକ୍ଷ ୨୪ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି, ଯାହା ଦେଶରେ ସର୍ବାଧିକ ସଂଖ୍ୟାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଦର୍ଶାଉଛି ।

ସେମାନଙ୍କ ମଧ୍ୟରେ ୫୮ପ୍ରତିଶତ ମହିଳା ଥିବା ନେଇ ଉପରାଷ୍ଟ୍ରପତି ସନ୍ତୋଷବ୍ୟକ୍ତ କରିଛନ୍ତି ।

## ୱେଷ୍ଟ ବେଙ୍ଗଲ ଇଲେକ୍ସନ

ପଶ୍ଚିମବଙ୍ଗରେ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନରେ ଅଦାଲତଙ୍କ ସମୀକ୍ଷା ଅନ୍ତର୍ଗତ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରକାଶ କରିଛନ୍ତି । ପ୍ରଥମଥର ପାଇଁ ଜିଲ୍ଲାୱାରି ତଥ୍ୟ ସହିତ ଏହି ତାଲିକା ପ୍ରକାଶ ପାଇଛି । ତାଲିକାରେ ଯୋଗ୍ୟ ଏବଂ ଅଯୋଗ୍ୟ ଭୋଟରମାନଙ୍କୁ ଚିହ୍ନିତ କରାଯାଇଛି । ରିପୋର୍ଟ ଅନୁଯାୟୀ ୬୦ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଯାଞ୍ଚ ପାଇଁ ଥିବାବେଳେ ୩୨ଲକ୍ଷ ଭୋଟର ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି । ପାଖାପାଖି ୨୭ଲକ୍ଷ ଭୋଟର ଅଯୋଗ୍ୟ ବିବେଚିତ ହୋଇଛନ୍ତି ।

## ଫାର୍ମର୍ସ ୱେଲଫେୟାର

ଦେଶରେ ଖାଦ୍ୟ ସୁରକ୍ଷା ଏବଂ କୃଷକମାନଙ୍କ ଆୟ ବୃଦ୍ଧି କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଥିବା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି । ଜୟପୁରଠାରେ ଆଜି ଆଞ୍ଚଳିକ କୃଷି ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ଦେଶରେ କୃଷିକ୍ଷେତ୍ରକୁ ଦୃଢ଼ କରିବା ଲାଗି ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି କୃଷକମାନଙ୍କୁ ସଶକ୍ତ କରି

ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କୃଷିକ୍ଷେତ୍ର ବିଭିନ୍ନ ଦିଗ ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି । ସମୟର ଆବଶ୍ୟକତା ଅନୁଯାୟୀ ନୂଆ ଜ୍ଞାନକୌଶଳ, ଆଧୁନିକ କୃଷି ବ୍ୟବସ୍ଥା ଓ ସମନ୍ୱିତ କୃଷି ଗ୍ରହଣ କରିବା ଉପରେ ସେ ଗୁରୁତ୍ୱପ୍ରଦାନ କରିଛନ୍ତି ।

**V/O**

ଶ୍ରୀ ଚୌହ୍ୱାନ କହିଛନ୍ତି କୃଷିର ବିକାଶ ସହ ପରିବେଶ ସୁରକ୍ଷା ମଧ୍ୟ ସମଭାବରେ ଗୁରୁତ୍ୱପୂର୍ଣ୍ଣ । ଆବଶ୍ୟକତା ଅନୁଯାୟୀ ସାର ବ୍ୟବହାର ସହ ପ୍ରାକୃତିକ କୃଷି ଗ୍ରହଣ କରିବା ଉପରେ ମଧ୍ୟ ସେ ଗୁରୁତ୍ୱପ୍ରଦାନ କରିଛନ୍ତି । ରାଜ୍ୟଗୁଡ଼ିକୁ କୃଷକ ପରିଚୟପତ୍ର ପ୍ରଦାନ କରିବା ଲାଗି ତ୍ୱରିତ ପଦକ୍ଷେପ ନେବାକୁ ଶ୍ରୀ ଚୌହ୍ୱାନ ଅନୁରୋଧ କରିଛନ୍ତି । ଫଳରେ କୃଷକମାନେ ବିଭିନ୍ନ ସରକାରୀ ଯୋଜନାର ସିଧାସଳଖ ସୁଫଳ ପାଇପାରିବେ । ଏହି ଦିନିକିଆ ଆଞ୍ଚଳିକ କୃଷି ସମ୍ମିଳନୀରେ କୃଷିମନ୍ତ୍ରୀ, ବରିଷ୍ଠ ଅଧିକାରୀ, କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଛନ୍ତି ।

## ୱାର୍ଲ୍ଡ ହେଲ୍‌ଥ ଡେ

ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ସମଗ୍ର ବିଶ୍ୱରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ସୁସ୍ଥ ଜୀବନଶୈଳୀ ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୭ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଅନ୍ୟ ପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଜି ହେଉଛି

ପ୍ରତିଷ୍ଠା ଦିବସ । ୧୯୪୮ ମସିହା ଏପ୍ରିଲ୍ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ ରହିଛି – 'ସ୍ୱାସ୍ଥ୍ୟ ପାଇଁ ଏକଜୁଟ୍ ହେବା, ବିଜ୍ଞାନ ସହ ଆଗକୁ ବଢ଼ିବା' । ଏହି ବାର୍ତ୍ତା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମନୁଷ୍ୟ, ପ୍ରାଣୀ, ଗଛଲତା ଏବଂ ସର୍ବୋପରି ବିଶ୍ୱରେ ବିଜ୍ଞାନ ସହାୟତାରେ ସ୍ୱାସ୍ଥ୍ୟସୁରକ୍ଷା ଲାଗି ଏକବର୍ଷ ବ୍ୟାପୀ ଅଭିଯାନର ଶୁଭାରମ୍ଭ କରିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁସ୍ଥ ବିଶ୍ୱ ଗଠନ ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ସରକାର ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନଦେବା ଜାରି ରଖିବେ ଏବଂ ଲୋକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଦିଗରେ ବିନିଯୋଗ କରିବେ । ଉତ୍ତମ ସ୍ୱାସ୍ଥ୍ୟ ହିଁ ପ୍ରତ୍ୟେକ ସମୃଦ୍ଧ ସମାଜର ମୂଳଦୁଆ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସମସ୍ତ ଚିକିତ୍ସକ, ନର୍ସ ଏବଂ ଆଗଧାଡିର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଦେଶର ସ୍ୱାସ୍ଥ୍ୟସେବା ସୁଦୃଢ଼ ହୋଇପାରିଛି ବୋଲି ସେ କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆୟୁଷ୍ମାନ ଭାରତ ଏବଂ ପିଏମ୍ ଭାରତୀୟ ଜନୌଷଧି ଯୋଜନା ଭଳି ସ୍ୱାସ୍ଥ୍ୟସେବା ଯୋଜନାଗୁଡ଼ିକ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା

ଯୋଗାଇ ଦେଉଛି । ଦେଶବାସୀଙ୍କୁ ମିଳିତ ଭାବେ କାର୍ଯ୍ୟ କରି ଏକ ଦୃଢ଼ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଗଠନ ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଛନ୍ତି ।

## ବାଂଲାଦେଶ

ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଖାଲିଲୁର୍ ରେହମାନ ଆଜିଠାରୁ ୩ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବେ । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଏହି ଗସ୍ତର ଉଦ୍ଦେଶ୍ୟ । ଏହି ଗସ୍ତ କାଳରେ ଶ୍ରୀ ରେହମାନ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହର୍ଦୀପ ସିଂହ ପୁରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଗତ ଫେବୃୟାରୀରେ ବାଂଲାଦେଶରେ ନୂଆ ସରକାର ଗଠନ ହେବା ପରେ ଏହା ସେଠାକାର ମନ୍ତ୍ରୀଙ୍କ ପ୍ରଥମ ଭାରତ ଗସ୍ତ ।

## ୱେଷ୍ଟ ଏସିଆ

ଇରାନ୍‌ର ଶକ୍ତି ଭିତ୍ତିଭୂମି ଉପରେ ଇସ୍ରାଏଲ ପକ୍ଷରୁ ଗତକାଲି ପୁଣି ଆକ୍ରମଣ କରାଯିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ବୃଦ୍ଧି ପାଇଛି । ଇରାନ୍‌ର ସର୍ବବୃହତ୍ ଗ୍ୟାସ୍ ବ୍ୟବସ୍ଥା ଆଶାଲୁ୍ୟଏସ୍ଥିତ

ସାଉଥ୍ ପାର୍ଶ ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଆକ୍ରମଣ କରିଛି । ଫଳରେ ବିଶ୍ୱସ୍ତରରେ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଇରାନ୍‌ର ଶକ୍ତିକେନ୍ଦ୍ର ଗୁଡ଼ିକ ଉପରେ ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆ ଅଞ୍ଚଳରେ ଜରୁରୀ ଭିତ୍ତିଭୂମି ଗୁଡ଼ିକୁ ନେଇ ଭୟ ସୃଷ୍ଟି ହୋଇଛି ଏବଂ ସଂପୃକ୍ତ ଅଞ୍ଚଳରେ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯଦି ତେହେରାନ କୌଣସି ବୁଝାମଣା ଚୂଡାନ୍ତ କରିବାରେ ବିଫଳ ହୁଏ ଓ ହର୍ମୁଜ ପ୍ରଣାଳୀକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍ୱାଭାବିକ ନ କରେ ତେବେ ଗୋଟିଏ ରାତିରେ ଇରାନ୍‌କୁ ଧ୍ୱଂସ କରିଦିଆଯିବ । ଆସନ୍ତାକାଲି ସକାଳ ୫ଟା ୩୦ ସୁଦ୍ଧା ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଟ୍ରମ୍ପ ସମୟ ନିର୍ଦ୍ଧାରିତ କରିଛନ୍ତି । ହ୍ୱାଇଟ୍ ହାଉସ୍‌ରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ହର୍ମୁଜଡ଼ ପ୍ରଣାଳୀ ବନ୍ଦ ରହିଲେ ଆମେରିକା ଇରାନ୍‌ର ଶକ୍ତିକ୍ଷେତ୍ର ସମେତ ପରିବହନ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିବ । ତେବେ ଇରାନ୍ ପକ୍ଷରୁ ଆମେରିକା ଦ୍ୱାରା ଦିଆଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ପ୍ରତ୍ୟାଖାନ କରାଯାଇଛି । ଆକ୍ରମଣ ବନ୍ଦ ପାଇଁ ପୁନଃନିର୍ମାଣ ସହାୟତା ଯୋଗାଇ ଦେବାକୁ ଇରାନ ଦାବି କରିଛି ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଆଜି ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ପଏଣ୍ଟ ତାଲିକାରେ ରାଜସ୍ଥାନ ରୟାଲ୍ସ ଏବେ ତୃତୀୟ ସ୍ଥାନରେ ରହିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଷଷ୍ଠ ସ୍ଥାନରେ ରହିଛି । ପଞ୍ଜାବ କିଙ୍ଗସ୍ ପ୍ରଥମ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ଗତକାଲି କୋଲକାତାର ଇଡେନ୍‌ଗାର୍ଡେନ୍ସ ଠାରେ କୋଲକାତା ନାଇଟ୍‌ରାଇଡର୍ସ୍ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ବର୍ଷା ଯୋଗୁଁ ମ୍ୟାଚ୍ ସମ୍ଭବ ହୋଇପାରି ନଥିଲା । ଉଭୟ ଦଳଙ୍କୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି ।